# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**6 September - 2024**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଭଦ୍ରକ ଏବଂ ପାରାଦ୍ୱୀପରେ ଗୋଟିଏ ଲେଖାଏଁ ବୃହତ୍ ଶିଳ୍ପ ପ୍ରତିଷ୍ଠା ନେଇ ବିଧାନସଭାରେ ସୂଚନା ଦେଲେ ଶିଳ୍ପ ମନ୍ତ୍ରୀ
- ବିରୋଧି ସଦସ୍ୟମାନଙ୍କର ହଟ୍ଟଗୋଳ ଯୋଗୁଁ ବିଧାନସଭା ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ
- ରାଜ୍ୟସଭାର ସାଂସଦ ପଦରୁ ଇସ୍ତଫା ଦେଲେ ସୁଜିତ୍ କୁମାର

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ଆଜିଠାରୁ ବର୍ଷା ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ସୂଚନା

## ଟେକ୍ସଟାଇଲ୍ ପ୍ଲାଣ୍ଟ ପ୍ରତିଷ୍ଠା

**ଭଦ୍ରକ**ରେ ଏକ ଟେକ୍ସଟାଇଲ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବା ସହ ପାରାଦ୍ୱୀପରେ 'ମେଗା ଡୁଆଲ୍ ଫିଡ୍ କ୍ରାକର' ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବିଧାନସଭାରେ କହିଛନ୍ତି, ପାରାଦ୍ୱୀପ କ୍ରାକର ପ୍ଲାଣ୍ଟର ଜୈବିକ ବସ୍ତୁ ଭଦ୍ରକ ଟେକ୍ସଟାଇଲ୍ ପାର୍କରେ ବ୍ୟବହାର କରାଯିବ । ଭାରତୀୟ ତୈଳ ନିଗମ - ଆଇ.ଓ.ସି.ଏଲ୍‌ର ସହଯୋଗରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ।

ସେହିପରି ରାଜ୍ୟରେ ଅଧିକ ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା କରିବାକୁ ସରକାର ପଦକ୍ଷେପ ନେଉଛନ୍ତି । ଏମ୍.ଏସ୍.ଏମ୍.ଇ. ୟୁନିଟ୍ ବୃଦ୍ଧି ପାଇଲେ ରାଜ୍ୟରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ରାଜ୍ୟ ସରକାର ଶିକ୍ଷିତ ଯନ୍ତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଏଥିସହ ଯୁବକ-ଯୁବତୀ ଅଧିକ ରୋଜଗାରକ୍ଷମ ହେବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ସୁଦକ୍ଷା ଯୋଜନାରେ ଛାତ୍ରୀମାନଙ୍କ ଶିକ୍ଷା ଓ ବୈଷୟିକ ତାଲିମ୍ ବ୍ୟବସ୍ଥା କରାଯାଇଛି । ଏଥିସହ ସେମାନଙ୍କୁ ଛାତ୍ରୀବାସରେ ରଖି ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି ବୋଲି ଶିଳ୍ପମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି ।

## ବିଧାନସଭା-ଷ୍ଟାଡିୟମ୍ ନିର୍ମାଣ

ରାଜ୍ୟରେ ୨୭୪ଟି ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣକାର୍ଯ୍ୟ ଶେଷ ହୋଇଛି ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବିଧାନସଭାରେ ବିଧାୟକ ଚକ୍ରମଣୀ କହଁରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୩୦ଟି ଷ୍ଟାଡିୟମ୍‌ର କାର୍ଯ୍ୟ ଚାଲିଛି। ସେହିଭଳି ଆଉ ୧୦ଟି ବ୍ଲକ୍‌ରେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ମନ୍ତ୍ରୀ କହିଛନ୍ତି, ୯୨ଟି ବ୍ଲକ୍‌ସ୍ତରୀୟ ଓପନ୍ ଜିମ୍ ମଧ୍ୟରୁ ୬୨ଟିର କାର୍ଯ୍ୟ ଶେଷ ହୋଇଛି।

## ଓଡ଼ିଆ ଭାଷା ସମ୍ମିଳନୀ

ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ୧୪ କୋଟି ୬୧ଲକ୍ଷ ୭୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସ୍ୱର୍ଯ୍ୟବଂଶୀ ସୁରଜ ବିଧାନସଭାରେ ଉତ୍ତର ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବ୍ରୁଆରୀ ମାସ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ବିଧାନସଭା-ଗୃହ ମୁଲତବୀ

ବିଧାନସଭାରେ ଆଜି ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧିଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଆଜି ଅଧିବେଶନ ଆରମ୍ଭ ହେବା ମାତ୍ରକେ ବିଧାୟକ ବ୍ୟୋମକେଶ ରାୟଙ୍କ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ଦାବିରେ ବିଜେଡିର ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଶୂନ୍ୟକାଳରେ

ବିରୋଧି ବିଧାୟକମାନେ ଗୃହ ମଧ୍ୟଭାଗକୁ ଆସି ନାରାବାଜୀ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ।

## ସ୍କିଲ୍ ଇନ୍ ଓଡ଼ିଶା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍କିଲ୍ ଇନ୍ ଓଡ଼ିଶାର ପ୍ରତିଯୋଗୀଙ୍କ ସହ ଭାବ ବିନିମୟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ରାଜ୍ୟର ୧୫ ଜଣ ଯୁବ ପ୍ରତିଯୋଗୀଙ୍କ ସହ କଥା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହି ପ୍ରତିଯୋଗୀମାନେ ଫ୍ରାନ୍ସ୍‌ର ଲିଓନ୍ ସହରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେବେ।

# ନୂଆଖାଇ ଛୁଟି

ନୂଆଁଖାଇ ଉପଲକ୍ଷେ ଆସନ୍ତା ୯ ତାରିଖ ସୋମବାର ଦିନ ହାଇକୋର୍ଟ ଛୁଟି ଘୋଷଣା କରାଯାଇଛି । ହାଇକୋର୍ଟ ଏହା ପରିବର୍ତ୍ତେ ଅକ୍ଟୋବର ୫ ତାରିଖ ଶନିବାର ଦିନ କାର୍ଯ୍ୟ କରିବ ।

ସେହିଭଳି ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଆସନ୍ତା ୧୦ ତାରିଖ ମଙ୍ଗଳବାରକୁ  ଆର୍‌ଡିସି ସ୍ତରରେ ଆଞ୍ଚଳିକ ଛୁଟି ଘୋଷଣା କରାଯାଇଛି । ପୂର୍ବରୁ ରାଜ୍ୟରେ ନୂଆଖାଇ ପାଇଁ ୯ ତାରିଖକୁ ଛୁଟି ଘୋଷଣା କରାଯାଇଥିଲା । ଫଳରେ ଏହି ଦୁଇଟି ଜିଲ୍ଲାରେ ନୂଆଖାଇ ପାଇଁ ୯ ଓ ୧୦ ତାରିଖକୁ ଛୁଟି ଘୋଷଣା କରାଯାଇଛି ।

## ସାଂସଦଙ୍କ ଇସ୍ତଫା

ରାଜ୍ୟସଭା ସଦସ୍ୟ ପଦରୁ ବିଜେଡ଼ି ସାଂସଦ ସୁଜିତ୍ କୁମାର ଆଜି ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟକୁ ପଠାଇଛନ୍ତି। ଏହାପରେ ଶ୍ରୀ କୁମାର ବିଜେପିରେ ଯୋଗଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ୨୦୨୦ ମସିହାରେ ସେ ବିଜେଡି ପକ୍ଷରୁ ରାଜ୍ୟସଭାକୁ ସାଂସଦ ଭାବେ ମନୋନିତ ହୋଇଥିଲେ। ଆସନ୍ତା ୨୦୨୬ ମସିହାରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିଲା। ଅନ୍ୟପକ୍ଷରେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଦଳବିରୋଧି କାର୍ଯ୍ୟପାଇଁ ତାଙ୍କୁ ବହିଷ୍କାର କରିଥିବା ଦଳ ପକ୍ଷରୁ କୁହାଯାଇଛି।

# ବୁଝାମଣାପତ୍ର

ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରରେ ଯୁବବର୍ଗଙ୍କୁ ତାଲିମ ଦେବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ଏବଂ ରାଜ୍ୟ ଦକ୍ଷତା ବିକାଶ ନିୟୋଜନ ନିର୍ଦ୍ଦେଶାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ହାଇଦ୍ରାବାଦ ଠାରେ ଏହା ମାଧ୍ୟମରେ ଯୁବକମାନଙ୍କୁ ୩୦ ଦିନିଆ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏଥିରେ ସେମାନଙ୍କୁ ବିମାନ ବନ୍ଦରରେ ର୍‍ୟାମ୍ପ ପରିଚାଳନା ଓ ଗ୍ରାହକ ସେବା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ବିମାନ ଚଳାଚଳ କ୍ଷେତ୍ରରେ ଏହା ରାଜ୍ୟର ଭାଗିଦାରୀକୁ ସୁନିଶ୍ଚିତ କରିବ ବୋଲି ଦକ୍ଷତା ବିକାଶ ନିୟୋଜନ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ।

# ସୁଭଦ୍ରା ଯୋଜନା-ସମୀକ୍ଷା

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ସଚେତନ କରାଇବା ପାଇଁ ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ସଚେତନତା ରଥ ପରିଭ୍ରମଣ କରିବ। ଏ ନେଇ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ସୁଭଦ୍ରା ଯୋଜନାର ଅଗ୍ରଗତି ନେଇ ନିୟମିତ ତଦାରଖ କରିବାକୁ ଶ୍ରୀ ଆହୁଜା ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଫର୍ମ ବିତରଣ ଓ ସଂଗ୍ରହ, ପଞ୍ଜୀକରଣ ଏବଂ ସମସ୍ତ ସୂଚନା ପୋର୍ଟାଲରେ ଉପଲବ୍ଧ କରାଇବା ନେଇ ଆଲୋଚନା ହୋଇଥିଲା।

## ସୁଭଦ୍ରା ଯୋଜନା-ଗୁଜବ

ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସୁଭଦ୍ରା ଯୋଜନା ସମ୍ପର୍କରେ ବିଭିନ୍ନ ଗୁଜବ ଓ ଅପପ୍ରଚାରକୁ ବିଶ୍ୱାସ ନ କରିବା ପାଇଁ **ଗଞ୍ଜାମ** ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି। ଏଥିସହ ଏହି ଯୋଜନା ଆବେଦନ ପାଇଁ କୌଣସି ସମୟସୀମା ନାହିଁ ଆଧାରକାର୍ଡ ବ୍ୟତୀତ କୌଣସି ପ୍ରମାଣପତ୍ରର ମଧ୍ୟ ଆବଶ୍ୟକତା ନଥିବାବେଳେ ଏହା ସମ୍ପୂର୍ଣ୍ଣ ଦେୟମୁକ୍ତ ବୋଲି ଜିଲ୍ଲାପାଳ କହିଛନ୍ତି। କୌଣସି ଅଭିଯୋଗ ଥିଲେ ଟୋଲ୍-ଫ୍ରି ନମ୍ବର ୧୪୬୭୮ରେ ଅଭିଯୋଗ କରିପାରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ନୋଡାଲ୍

ଅଫିସରଙ୍କୁ ନିୟୋଜିତ କରାଯାଇଛି। ଲୋକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହୁରି ୧୧୦ଟି ଆଧାର ସଂଯୋଗୀକରଣ କେନ୍ଦ୍ର ଖୋଲାଯାଇଥିବା ନେଇ ଜିଲ୍ଲାପାଳ କହିଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲାରେ ଏହି ଯୋଜନାରେ ୨ ଲକ୍ଷ ୯ ହଜାର ହିତାଧିକାରୀ ଲାଭାନ୍ୱିତ ହେବେ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ଆକଳନ କରାଯାଇଛି। ଏଥିସହ ମୋଟ୍ ୪୭୬ଟି ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ହିତାଧିକାରୀଙ୍କ ଆବେଦନପତ୍ର ଗ୍ରହଣ ସକାଶେ ସୁନିଶ୍ଚିତ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

**ପୁରୀ** ଜିଲ୍ଲାରେ ଆସନ୍ତା ୧୭ ତାରିଖ ପରେ ମଧ୍ୟ ସୁଭଦ୍ରା ଯୋଜନା ପାଇଁ ଆବେଦନପତ୍ର ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏଥିସହ ଏହି ଯୋଜନା ପାଇଁ ଆଧାର ସହ ମୋବାଇଲ ସଂଯୋଗୀକରଣ ବାଧ୍ୟତାମୂଳକ ନଥିବା ଜିଲ୍ଲାପାଳ କହିଛନ୍ତି। **ଭଦ୍ରକ** ଜିଲ୍ଲାରେ ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ୧ ହଜାର ୮୬ଟି ଜନସେବା କେନ୍ଦ୍ର, ୨୯୧ଟି ମୋ ସେବା କେନ୍ଦ୍ର ଓ ୪୦ଟି ଆଧାର କେନ୍ଦ୍ର ଚୟନ କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। **ନୟାଗଡ଼** ଜିଲ୍ଲାରେ ସୁଭଦ୍ରା ଯୋଜନା ଅନ୍ତର୍ଗତ ପ୍ରାୟ ୩ ଲକ୍ଷ ୪୮ ହଜାରରୁ ଊର୍ଦ୍ଧ୍ୱ ମହିଳାମାନଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

# +୨ ନାମଲେଖା

ରାଜ୍ୟରେ ଆଜିଠାରୁ ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖାଲିପଡ଼ିଥିବା ସିଟ୍‌ରେ ନାମଲେଖା ଚାଲିଛି। ଛାତ୍ରଛାତ୍ରୀ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଆସନ୍ତା ୨୦ ତାରିଖରେ ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବା ସହ ୨୧ରୁ ୨୪ ତାରିଖ ମଧ୍ୟରେ ନାମଲେଖା ହେବ । ସେହିଭଳି ଅକ୍ଟୋବର ମାସ ୩ ତାରିଖରେ ସ୍ପଟ୍ ନାମଲେଖା ପାଇଁ ଚୟନ ତାଲିକା ପ୍ରକାଶ ପାଇବ।

## ସହାୟତା ରାଶି ବଣ୍ଟନ

**ନୟାଗଡ଼** ଜିଲ୍ଲାରେ ଦ୍ୱିତୀୟ ଦ୍ୱିପାକ୍ଷିକ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର ମାଧ୍ୟମରେ କରାଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪୫ ଜଣ ଆବେଦନକାରୀଙ୍କୁ ମୋଟ୍ ୫୧ ଲକ୍ଷ ୩୫ ହଜାର ୪୦୦ଟଙ୍କା ପ୍ରଦାନ କରାଯାଇଛି।

## ଦୀଡକୁଦ ପ୍ରତିଯୋଗିତା

ଭୁବନେଶ୍ୱର ସ୍ଥିତ କଲିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତା ୧୮ ତାରିଖରୁ ୨୦ ତାରିଖ ୩ ଦିନଧରି ୭୦ତମ ରାଜ୍ୟ ସିନିୟର୍ ଦୌଡକୁଦ ଚମ୍ପିୟାନସିପ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତା ନେଇ ଆସନ୍ତା ରବିବାର ଦିନ ବ୍ରହ୍ମପୁର ଇଞ୍ଜିନିୟରିଂ ପଡ଼ିଆଠାରେ ଖେଳାଳି ଚୟନ କରାଯିବ। ଇଚ୍ଛୁକ କ୍ରୀଡାବିତ୍ ଏଥିରେ ଅଂଶ ଗ୍ରହଣ କରିବାପାଇଁ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘ ପକ୍ଷରୁ ନିଜ ନିଜର ପରିଚୟ ପ୍ରମାଣ ପତ୍ର ଓ ଜନ୍ମ ପ୍ରମାଣ ପତ୍ର ନେଇ ଆସିବା ପାଇଁ ସୂଚନା ଦିଆଯାଇଛି।

## ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ

ପରିବେଶ ସ୍ୱଚ୍ଛତା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ କରାଯାଉଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ-ବିଏମସି ପକ୍ଷରୁ ପାତ୍ରପଡ଼ାରୁ ଭଗବାନପୁର ଯାଏ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଭଗବାନପୁରଠାରେ ଚାରାରୋପଣ କରାଯାଇଥିଲା।

# ପାଣିପାଗ

ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜିଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଭୁବନେଶ୍ୱର

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ,ଲଘୁଚାପ ଘନୀଭୂତ ହୋଇ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଅବପାତରେ ପରିଣତ ହେବ। ଆସନ୍ତା ୨୪ ଘଣ୍ଟା ମଧରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଅପରପକ୍ଷରେ, ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି। ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷାଠାରୁ ୧୨ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି।

*********************************